# ଋଷିକୁଲ୍ୟା

## ତ୍ରୈମାସିକ ସମାଚାର ପତ୍ରିକା

Krishi Vigyan Kendra
Ganjam-I
Odisha University of
Agriculture & Technology
Bhubaneswar

କୃଷି ବିଜ୍ଞାନ କେନ୍ଦ୍ର
ଗଞ୍ଜାମ-୧
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ପଞ୍ଚଦଶ ବର୍ଷ | ଜୁଲାଇ-ଡିସେମ୍ବର ୨୦୨୩ | ପ୍ରଥମ ଓ ଦ୍ୱିତୀୟ ସଂଖ୍ୟା


## ବାର୍ତ୍ତା



ଆମ ରାଜ୍ୟର ଅଧିକାଂଶ ଲୋକ କୃଷିକୁ ନିଜର ଜୀବିକା ଭାବେ ଗ୍ରହଣ କରିଥାନ୍ତି । ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଏବଂ ଚାଷ କ୍ଷେତ୍ରରୁ ମିଳୁଥିବା ଆୟର ଅନିଶ୍ଚିତତା ଯୋଗୁଁ ଚାଷୀଭାଇମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଗଞ୍ଜାମ ପରି ଏକ କୃଷି ପ୍ରଧାନ ଜିଲ୍ଲାର ସର୍ବାଙ୍ଗୀନ-ଉନ୍ନତି ତଥା କୃଷି ସମ୍ପର୍କିତ ଆଧୁନିକ ଜ୍ଞାନ କୌଶଳର ସନ୍ଦେଶ ଚାଷୀଭାଇମାନଙ୍କ ପାଖରେ ପହଞ୍ଚାଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ (ଭଞ୍ଜନଗର) ତରଫରୁ ପ୍ରକାଶିତ ସମାଚାର ପତ୍ରିକା "ଋଷିକୂଲ୍ୟା" ଏକ ଆଲୋକ ବର୍ତ୍ତିକା ସଦୃଶ । ଏହି ପତ୍ରିକାଟି କୃଷିର ବିକାଶ ସହ କୃଷି ବିଜ୍ଞାନୀ, କୃଷି ସଂପ୍ରସାରଣ ଅଧିକାରୀ, ଚାଷୀଭାଇ ଓ ଭଉଣୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବ ବୋଲି ମୋର ଆଶା ଓ ବିଶ୍ୱାସ । ଏହି ପତ୍ରିକାରେ ମୁଦ୍ରିତ କୃଷି ଭିତ୍ତିକ ସମାଚାର ଜିଲ୍ଲାର ବେକାର ଯୁବକ, ଯୁବତୀ, କୃଷିଜୀବି ଓ କୃଷି ସମ୍ପ୍ରସାରଣ ଅଧିକାରୀମାନଙ୍କୁ ଜ୍ଞାନର ପରିସୀମାକୁ ପରିବ୍ୟାପ୍ତ କରିପାରିବ ବୋଲି ମୋର ଆଶା । ସମସ୍ତ ବୈଜ୍ଞାନିକ ଓ କର୍ମଚାରୀବୃନ୍ଦଙ୍କୁ ଆନ୍ତରିକ ଧନ୍ୟବାଦ ଦେବା ସହ ମୁଁ ଏହି କୃଷି ଭିତ୍ତିକ ସମାଚାର ପତ୍ରିକା "ଋଷିକୂଲ୍ୟା"ର ସଫଳ କାମନା କରୁଛି ।

ଅଧକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ


## ସମ୍ପାଦନା

ପ୍ରକାଶକ ଓ ମୁଖ୍ୟ ସମ୍ପାଦକ
ଡଃ ସୁତନୁ କୁମାର ଶତପଥୀ
(ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ)

ସମ୍ପାଦନା ମଣ୍ଡଳୀ
ଡଃ ସନ୍ତୋଷ କୁମାର ସାମନ୍ତରାୟ
ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡା
ଶ୍ରୀମତୀ ଅନୀତା ପାତ୍ର
ଡଃ ସିଦ୍ଧାର୍ଥ ରଣବିଜୁଳୀ
ଏମ୍ ଦିବ୍ୟନାଥ
ଶ୍ରୀ ଶିତିକଣ୍ଠ ମିଶ୍ର


## ମୁଖ୍ୟ ସମ୍ପାଦକଙ୍କ କଲମରୁ



କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ର ସମାଚାର ପତ୍ରିକା ଋଷିକୁଲ୍ୟାରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସ୍ଥାନିତ କରାଯାଇଛି । ଜିଲ୍ଲାରେ କାର୍ଯ୍ୟ କରୁଥିବା କୃଷି ଓ ଆନୁଷଙ୍ଗିକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହ ଆମର କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଭାବେ କାର୍ଯ୍ୟକରି ଜିଲ୍ଲାକୁ ଏକ ସର୍ବୋତ୍କୃଷ୍ଟ ଜିଲ୍ଲାରେ ପରିଣତ କରିବାକୁ ସର୍ବଦା ଚେଷ୍ଟିତ । କୃଷକ, କୃଷିଜୀବି ମହିଳା ଓ ଉଦ୍ୟୋଗୀ ଯୁବକ ଯୁବତୀମାନଙ୍କୁ ଆମର ବିଭିନ୍ନ ସମୟରେ ନୂତନ କୃଷି ଜ୍ଞାନକୌଶଳ ଶିକ୍ଷା ଦେଇ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରେରଣା ଯୋଗାଉଅଛି । କେନ୍ଦ୍ରର ବୈଜ୍ଞାନିକ ଓ ଅନ୍ୟାନ୍ୟ ଅଧିକାରୀଙ୍କ ପ୍ରଚେଷ୍ଟା ଓ କୃଷକମାନଙ୍କର ଅକ୍ଲାନ୍ତ ପରିଶ୍ରମ ଦିନେ ନିଶ୍ଚୟ ଆମ୍ଭର ଆଶାକୁ ପୂରଣ କରିବ । ଋଷିକୁଲ୍ୟା ପତ୍ରିକାରେ ପ୍ରକାଶିତ ବିଭିନ୍ନ କାର୍ଯ୍ୟକ୍ରମର ତଥ୍ୟ ଦ୍ୱାରା ସମସ୍ତେ ଉପକୃତ ହେବେ ।

ସୁତନୁ କୁମାର ଶତପଥୀ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧



## ଗେଣ୍ଡୁଫୁଲ ଚାଷର ସଫଳ କ୍ଷେତ୍ର ପ୍ରଦର୍ଶନ

ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନଙ୍କୁ ଉପାର୍ଜନକ୍ଷମ କରିବା ଉଦ୍ଦେଶ୍ୟରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ତରଫରୁ ଏକ ଉନ୍ନତ କିସମର ଗେଣ୍ଡୁଫୁଲ (ବିଧାନ-୨) ଚାଷ ଉପରେ ଏକ ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏହି ଚାଷ ପାଇଁ ମହିଳାମାନଙ୍କୁ ତାଲିମ୍ ଦିଆଯିବା ସଙ୍ଗେ ସଙ୍ଗେ ବିଧାନ-୨ କିସମର ଉନ୍ନତ ଚାରା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଜ୍ଞାନକୌଶଳ ଯୋଗାଇ ଦିଆଯାଇଥିଲା । ଉନ୍ନତ ଜ୍ଞାନକୌଶଳ ଉପଯୋଗ କରି ମହିଳାମାନେ ଏହି ଚାଷ କରିଥିଲେ । ଉକ୍ତ ପ୍ରଦର୍ଶନରେ ଦେଖାଗଲା ଯେ ବିଧାନ-୨ ଗେଣ୍ଡୁଫୁଲ ପ୍ରତି ହେକ୍ଟର ୯୮.୬ କ୍ୱିଣ୍ଟାଲ ହେଲାବେଳେ ପାରମ୍ପରିକ ମଣ୍ଡାଫୁଲ ହେକ୍ଟର ପ୍ରତି ୫୮.୨ କ୍ୱିଣ୍ଟାଲ ହୋଇଥିଲା । ଏଥିରେ ଚାଷୀମାନଙ୍କର ଲାଭ ୧,୬୨,୪୦୦ ଟଙ୍କା ହୋଇଥିଲା । ବିଧାନ-୨ କିସମର ଫୁଲ ଗୁଡ଼ିକ କମଳା ରଙ୍ଗର ହୋଇଥିବା ବେଳେ ଫୁଲମାଳ ପାଇଁ ବିଶେଷ ଉପଯୋଗୀ ହୋଇଥିଲା । ସ୍ୱୟଂ ସହାୟକ ଗୋଷ୍ଠି ମହିଳାମାନେ ଏହି କିସମର ଫୁଲ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।



## ଛତୁ ଚାଷର ବ୍ୟବହୃତ ନଡ଼ାରେ ଜିଆ ଖତ ପ୍ରସ୍ତୁତ

ଗଞ୍ଜାମ ଜିଲ୍ଲାରେ ଛତୁ ଚାଷ ବହୁତ ଚାଷୀ ଆପଣାଇ ନେଇଛନ୍ତି ଏବଂ ଏହା ବହୁତ ଲାଭଦାୟକ ହେଉଛି । କିନ୍ତୁ ଛତୁ ଚାଷ ପରେ ବ୍ୟବହୃତ ନଡ଼ାକୁ ଚାଷୀମାନେ ଫିଙ୍ଗି ଦେଉଛନ୍ତି । ଏହା ଫଳରେ ପରିବେଶ ପ୍ରଦୂଷିତ ହେଉଛି । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ-୧ ଦ୍ୱାରା ଛତୁ ଚାଷରେ ବ୍ୟବହୃତ ନଡ଼ାକୁ ଉପଯୋଗ କରି ଜିଆଖତ ପ୍ରସ୍ତୁତ ଉପରେ ଏକ ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ ବିଭିନ୍ନ ଗ୍ରାମରେ ୧୦ ଜଣ ମହିଳାଙ୍କୁ ନେଇ କରାଯାଇଥିଲା । ଏଥିନିମନ୍ତେ ତାଲିମ୍ ଦିଆଯାଇଥିଲା, ତା ସହିତ ସେମାନଙ୍କୁ ଜିଆଖତ ପ୍ରସ୍ତୁତ ପ୍ଲାଷ୍ଟିକ୍ ଟାଙ୍କି ଏବଂ ଉନ୍ନତ ଜିଆ ଯୋଗାଇ ଦିଆଯାଇଥିଲା । ମହିଳାମାନେ ବୈଜ୍ଞାନିକ ଉପାୟରେ ଜିଆଖତ ପ୍ରସ୍ତୁତ କରିଥିଲେ । ଉକ୍ତ ପ୍ରଦର୍ଶନରେ ଦେଖାଯାଇଥିଲା କି ଗୋଟିଏ ପିଟ୍‌ରୁ ପ୍ରାୟ ୪ କ୍ୱିଣ୍ଟାଲ୍ ଖତ ପ୍ରସ୍ତୁତ ହେଉଛି ଏବଂ ପ୍ରାୟ ୪୫ ଦିନରେ ଖତ ତିଆରି ହୋଇଯାଉଛି । ଏଥିନିମନ୍ତେ ସେମାନେ ୨୧୫୦ ଟଙ୍କା ଖର୍ଚ୍ଚ କରିଥିବା ବେଳେ ତାଙ୍କର ଆୟ ୬୧୫୦ ଟଙ୍କା ହେଉଛି ଏବଂ ଲାଭ ୪,୦୦୦ ଟଙ୍କା ହେଉଛି ଏବଂ ଖର୍ଚ୍ଚ ଓ ଲାଭର ଅନୁପାତ ୨.୮୬ ହେଉଛି । ଏହି ଜ୍ଞାନକୌଶଳକୁ ଛତୁଚାଷୀମାନେ ଆଗ୍ରହର ସହ ଗ୍ରହଣ କରିଛନ୍ତି ।



## ହରଡ଼ ଫସଲର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ



ସନ୍ତୁଳିତ ଆହାରରେ ଡାଲି ଏକ ମୁଖ୍ୟ ଉପାଦାନ । ବର୍ତ୍ତମାନ ସମୟରେ ଡାଲି ଜାତୀୟ ଫସଲର ଉତ୍ପାଦନ ଓ ଉତ୍ପାଦିକତା ବଢ଼ାଇବା ପାଇଁ ସରକାର ବଢ଼ାଇବା ପାଇଁ ସରକାର ତତ୍ପର । ଆମ ଜିଲ୍ଲାରେ ପ୍ରାୟ ୧୩,୦୦୦ ହେକ୍ଟର ଜମିରେ ହରଡ଼ ଚାଷ କରାଯାଇଥାଏ । ଚାଷୀଭାଇମାନେ ପାରମ୍ପରିକ ବିହନ ବ୍ୟବହାର କରି ଆଶାନୁରୂପ ଅମଳ ପାଇ ନଥାନ୍ତି । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗର ଦ୍ୱାରା ୨୩ ହେକ୍ଟର ଜମିରେ ଆଗୁଆ ଧାଡ଼ି ପ୍ରଦର୍ଶନ କ୍ଷେତର ଆୟୋଜନ କରାଯାଇଛି । ସୋରଡ଼ା ବ୍ଲକ୍ ଅନ୍ତର୍ଗତ ଚିତ୍ରଗାଁ ଓ ମେରିକୋଟ ଗ୍ରାମର ୫୦ ଜଣ ଚାଷୀଭାଇ ଓ ଭଉଣୀ ଏହି ପ୍ରଦର୍ଶନ କ୍ଷେତ୍ରରେ ଅଂଶଗ୍ରହଣ କରିଛନ୍ତି । ଉକ୍ତ ପ୍ରଦର୍ଶନରେ ଉନ୍ନତ ମାନର ବିହନ, ବିହନ ବିଶୋଧନ, ଟ୍ରାଇକୋଡ଼ର୍ମାର ବ୍ୟବହାର, ଶୋଷକ କୀଟ ଦମନ ଆଦି ବିଷୟରେ ଚାଷୀଙ୍କୁ ତାଲିମ୍ ଦିଆଯାଇଥିଲା । ଚଳିତ ବର୍ଷ ସେପ୍ଟେମ୍ବର ମାସରେ ପାଟନା ସ୍ଥିତ ଧାନ ବିକାଶ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡଃ ଅରବିନ୍ଦ କୁମାର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଗଞ୍ଜାମ, ସରକାରୀ କୃଷି ଅଧିକାରୀ, ସୋରଡ଼ା ଓ ବରଗଡ଼, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା ଗଞ୍ଜାମ ପ୍ରମୁଖ ଉକ୍ତ ପ୍ରଦର୍ଶନ କ୍ଷେତ୍ରକୁ ପରିଦର୍ଶନରେ ଯାଇ ଚାଷୀଭାଇ ଓ ଭଉଣୀଙ୍କ ସହ ଆଲୋଚନା କରିବା ସହ, କ୍ଷେତ୍ର ପ୍ରଦର୍ଶନର ଅଗ୍ରଗତିରେ ସନ୍ତୋଷ ବ୍ୟକ୍ତ କରିଥିଲେ ।

## ଲଙ୍କା ଫସଲର ସଙ୍କର କିସମ କ୍ଷେତ୍ର ପରୀକ୍ଷଣ




ଆମ ଜିଲ୍ଲାରେ ପ୍ରାୟ ୫୦୦୦ ହେକ୍ଟର ଜମିରେ ଲଙ୍କା ଚାଷ କରାଯାଏ ଓ ହେକ୍ଟର ପିଛା ଉତ୍ପାଦିକତା ହାର ୧୨୧ କ୍ୱିଣ୍ଟାଲ ଅଟେ । ଏହି ଫସଲରେ ଭୂତାଣୁ ଜନିତ ପତ୍ର ମୋଚା ରୋଗ ଏକ ପ୍ରମୁଖ ସମସ୍ୟା ଅଟେ । ଏହି ସମସ୍ୟାକୁ ଆଧାର କରି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏହାର ପୋଷ୍ୟ ଗ୍ରାମରେ ଲଙ୍କାର ପତ୍ରମୋଚା ରୋଗ ପ୍ରତିରୋଧକ ଶକ୍ତି ଥିବା ସଙ୍କର କିସମ ଯଥା ଅର୍କା ତନଭି ଓ ଅର୍କା ସାନଭି କ୍ଷେତ୍ର ପରୀକ୍ଷଣ କରାଗଲା । ଏହି ପରୀକ୍ଷଣରୁ ଜଣାଗଲା ଯେ ଅର୍କା ସାନଭି କିସମରେ ପତ୍ରମୋଚା ରୋଗ ୪.୩% ସଂକ୍ରମଣ ହୋଇଥିବା ବେଳେ ଅର୍କା ତନଭି କିସମରେ ୯.୧% ହୋଇଥିଲା । କିନ୍ତୁ ଚାଷୀଙ୍କ ଦ୍ୱାରା ଚାଷ କରାଯାଉଥିବା ଲଙ୍କା କିସମରେ ପତ୍ରମୋଚା ରୋଗ ୨୮.୬% ହୋଇଥିଲା । ଅର୍କା ସାନଭି କିସମରୁ ହେକ୍ଟର ପିଛା ୧୪୬.୪ କ୍ୱିଣ୍ଟାଲ ଅମଳ ହୋଇଥିବା ବେଳେ ଅର୍କା ତନଭି କିସମରୁ ୧୩୪.୨ କ୍ୱିଣ୍ଟାଲ ଅମଳ ହୋଇଥିଲା । କିନ୍ତୁ ଚାଷୀଙ୍କ ଦ୍ୱାରା ଚାଷ କରାଯାଉଥିବା କିସମରୁ ହେକ୍ଟର ପିଛା ୧୨୪.୩ କ୍ୱିଣ୍ଟାଲ ଅମଳ ମିଳିଥିଲା । ଜଣାଗଲା ଯେ ଅର୍କା ସାନଭି ସଙ୍କର ଲଙ୍କା କିସମଟି ଚାଷୀମାନଙ୍କ ଗହଣରେ ଆଦୃତ ହୋଇପାରିବ ।

This Newsletter is published & Owned by Sr. Scientist and Head, Krishi Vigyan Kendra, Ganjam-I, Bhanjanagar, Pin.: 761140
e-mail:kvkganjam1.ouat@gmail.com, kvk.ganjam1@ouat.ac.in, Web : www.ganjamkvkzpdvii.org, www.kvkganjam.org
Printed at : Information and Communication Centre, Directorate of Extension Education, OUAT, Bhubaneswar-751003

## ମିଲେଟ୍ ରେସିପି ପ୍ରତିଯୋଗିତା କାର୍ଯ୍ୟକ୍ରମ

ଆନ୍ତର୍ଜାତୀୟ ଲଘୁଶସ୍ୟ ବର୍ଷ ପାଳନ ଏବଂ ଲଘୁଶସ୍ୟ ଖାଦ୍ୟ ପଦାର୍ଥ ଗୁଡ଼ିକର ଅଧିକ ପ୍ରଚାର ଏବଂ ପୁଷ୍ଟି ସୁରକ୍ଷା ପାଇଁ ଲଘୁଶସ୍ୟଯୁକ୍ତ ଖାଦ୍ୟକୁ ଲୋକମାନଙ୍କ ମଧ୍ୟରେ ଆଦୃତ କରିବା ଉଦ୍ଦେଶ୍ୟରେ ତିନୋଟି ମିଲେଟ୍ ରେସିପି ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୋଲସରା ବ୍ଲକ୍ ଅନ୍ତର୍ଗତ ଖୋଡ଼ାବାହାଲ ଗ୍ରାମ, ଜଗନ୍ନାଥ ପ୍ରସାଦ ବ୍ଲକ୍ ଅନ୍ତର୍ଗତ ଜିରାବାଡ଼ି ଏବଂ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ଭଞ୍ଜନଗର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନେ ମାଣ୍ଡିଆ, ସୁଆଁ, କାଙ୍ଗୁ ଇତ୍ୟାଦିରେ ବିଭିନ୍ନ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହିସବୁ ଖାଦ୍ୟଗୁଡ଼ିକୁ କୃଷି ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଏବଂ ଏନ୍‌ଜିଓର କର୍ମକର୍ତ୍ତା ମାନେ ମୂଲ୍ୟାୟନ କରି କୃଷି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ଲଘୁ ଶସ୍ୟ ଜାତୀୟ ଖାଦ୍ୟ ପ୍ରସ୍ତୁତି ଏବଂ ଏହାର ଉଦ୍ୟୋଗୀକରଣ ପାଇଁ ମହିଳାମାନଙ୍କୁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା ।




## କୁକୁଡ଼ା ଚାଷରେ ସଫଳ ଯୁବଚାଷୀ

କୁକୁଡ଼ା ପାଳନ ସମଗ୍ର ଦେଶ ଓ ଆମ ରାଜ୍ୟରେ ଏକ ଲାଭଜନକ ବ୍ୟବସାୟ ରୂପେ ଆଦୃତ ହୋଇପାରିଛି । ଗଞ୍ଜାମ ଜିଲ୍ଲା କୁକୁଡ଼ା ଓ ଅଣ୍ଡା ଉତ୍ପାଦନରେ ସମଗ୍ର ରାଜ୍ୟରେ ଏକ ନମ୍ବର ସ୍ଥାନରେ ରହିଛି । ଏହି କ୍ରମରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଆର୍ଯ୍ୟା (ARYA) କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ଯୁବ ଚାଷୀ ଭାଇ ଓ ଭଉଣୀମାନଙ୍କୁ କୁକୁଡ଼ା ପାଳନ ଉପରେ ତାଲିମ୍ ଦିଆଯାଇଥିଲା । ଏକ ଘରିଆ ଗ୍ରାମର ମୁନ୍ନା ପ୍ରଧାନ ଉକ୍ତ ତାଲିମ୍ ପାଇବା ପରେ ନିଜସ୍ୱ ଉଦ୍ୟମରେ କୁକୁଡ଼ା ପାଳନ ଆରମ୍ଭ କରିଥିଲେ । ପରେ ସରକାରୀ ସହାୟତାରେ କୁକୁଡ଼ା ଘର ପାଇବା ସହ ନିଜ ଫାର୍ମର ପରିସର ବଢ଼ାଇ ୫୦୦ଟି ଅଣ୍ଡାଦିଆ କୁକୁଡ଼ା ରଖିଥିଲେ । ବନରାଜା, ଆର୍.ଆଇ.ଆର୍. ଧଳା ଲେଗ୍‌ହର୍ଣ୍ଣ, କାବେରୀ, ଅସିଲ ଆଦି କୁକୁଡ଼ା ରଖି ସେ ମାଂସ ଓ ଅଣ୍ଡା ଉତ୍ପାଦନ କରି ଭଲ ଲାଭ ପାଇପାରୁଛନ୍ତି । ବାର୍ଷିକ ହାରାହାରି ଟ.୯୦,୦୦୦/- ଆୟ କରି ସେ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହେବା ସହ ନିଜ ପରିବାରର ପାଳନ ପୋଷଣ କରିପାରୁଛନ୍ତି ।



## ଓୟୁଏଟି ଦ୍ୱାରା ବିକଶିତ ଉନ୍ନତ ମାନର ମାଂସଳ କୁକୁଡ଼ା "କଳିଙ୍ଗ ପଲ୍ଲିଶ୍ରୀ"ର କ୍ଷେତ୍ର ପ୍ରଦର୍ଶନ




ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧିନସ୍ଥ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ମହାବିଦ୍ୟାଳୟ ଦ୍ୱାରା କୁକୁଡ଼ା ଚାଷୀମାନଙ୍କ ପାଇଁ ଏକ ଉନ୍ନତ ମାନର କୁକୁଡ଼ା ପ୍ରସ୍ତୁତ କରାଯାଇଛି । "କଳିଙ୍ଗ ପଲ୍ଲିଶ୍ରୀ" ଭାବେ ନାମିତ ଏହି କୁକୁଡ଼ାର ଓଜନ ବୃଦ୍ଧି ଅତିଶୀଘ୍ର ହେବା ସହ ଖାଦ୍ୟ ଉପଯୋଗିତା କ୍ଷମତା ମଧ୍ୟ ଅଧିକ ରହିଛି । ଉକ୍ତ କୁକୁଡ଼ାର କ୍ଷେତ ପ୍ରଦର୍ଶନ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଗ୍ରାମାଞ୍ଚଳରେ କରାଯାଇଥିଲା । ଉକ୍ତ ପରୀକ୍ଷଣରେ "କଳିଙ୍ଗ ପଲ୍ଲିଶ୍ରୀ" କୁକୁଡ଼ା ୪୫ ଦିନରେ ୧.୫୩୬ କି.ଗ୍ରା. ଓଜନ ବିକ୍ରି ହେବା ଦ୍ୱାରା ଚାଷୀ ଭାଇମାନେ ବେଶ୍ ଲାଭ ପାଇପାରିଥିଲା । ଏହି କୁକୁଡ଼ାଟି ଦେଶୀ କୁକୁଡ଼ା ଭଳି ଉଜ୍ଜ୍ୱଳ ରଙ୍ଗୀନ ହୋଇଥିବାରୁ ଚାଷୀମାନଙ୍କ କ୍ଷେତ୍ରରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିଲା ।

## ଗ୍ରୀଷ୍ମ ଋତୁରେ ପାଳଛତୁ ଚାଷରେ ଆର୍ଦ୍ରତାର ପରିଚାଳନା




ଗଞ୍ଜାମ ଜିଲ୍ଲା ପାଳଛତୁ ଉତ୍ପାଦନରେ ଓଡ଼ିଶାର ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ଏଠାରେ ଚାଷୀମାନେ ଋତୁକାଳୀନ ପାଳଛତୁ ଚାଷ କରନ୍ତି । କିନ୍ତୁ ମାର୍ଚ୍ଚ ଠାରୁ ଜୁନ୍ ପର୍ଯ୍ୟନ୍ତ ପାଳଛତୁର ଉତ୍ପାଦନ କମିଯାଏ କାରଣ ଏହି ସମୟରେ ବାୟୁ ମଣ୍ଡଳର ତାପମାତ୍ରା ୪୦° ସେଣ୍ଟିଗ୍ରେଡ୍‌ରୁ ଅଧିକ ହୋଇଥାଏ ଏବଂ ଆର୍ଦ୍ରତା ମଧ୍ୟ କମିଯାଇଥାଏ । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ଦ୍ୱାରା ବିଭିନ୍ନ ଗ୍ରାମରେ ଥିବା ଛତୁ ଉତ୍ପାଦନ ଗୃହର ଆର୍ଦ୍ରତା ପରିଚାଳନା ନିମନ୍ତେ ଏକ ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏହି ପ୍ରଦର୍ଶନରେ ଛତୁ ଉତ୍ପାଦନ ଗୃହର ଚଟାଣରେ ୨ ଇଞ୍ଚ ବାଲି ବିଛାଇ ଦିଆଯାଇଥିଲା । ଏହି ପ୍ରଦର୍ଶନରେ ଦେଖାଗଲା ଯେ ପାରମ୍ପରିକ ଉପାୟରେ ଛତୁ ଉତ୍ପାଦନ ବେଡ୍ ପ୍ରତି ୪୭୦ ଗ୍ରାମ୍ ହେଉଥିବା ବେଳେ ଜୈବ ଦକ୍ଷତା ୬.୭% ରହୁଥିଲା ବେଳେ, ବୈଜ୍ଞାନିକ ଉପାୟ ଅବଲମ୍ବନ କରିବା ଦ୍ୱାରା ବେଡ୍ ପ୍ରତି ଛତୁ ଉତ୍ପାଦନ ୮୧୦ ଗ୍ରାମ୍ ହୋଇଥିଲା ଏବଂ ଜୈବ ଦକ୍ଷତା ୧୧.୫% ରହିଥିଲା । ଏହି ଜ୍ଞାନ କୌଶଳ ଛତୁ ଚାଷୀମାନେ ଆଗ୍ରହ ସହକାରେ ଗ୍ରହଣ କରିଛନ୍ତି ।

## ବିଶ୍ୱ ଖାଦ୍ୟ ଦିବସ ପାଳନ

ଚଳିତ ବର୍ଷ ଅକ୍ଟୋବର ମାସ ୧୬ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ପରିସରରେ ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଉକ୍ତ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବୈଜ୍ଞାନିକ ମାନେ ଯୋଗ ଦେଇ ପନିପରିବା ଚାଷ, ଗୋପାଳନ, କୁକୁଡ଼ା ପାଳନ, ଛତୁଚାଷ ଏବଂ ପାକଶାଳା ବଗିଚା ମାଧ୍ୟମରେ ପରିବାରରେ ଖାଦ୍ୟ ଏବଂ ପୁଷ୍ଟି ସୁରକ୍ଷା ଆସିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଗୃହ ବିଭାଗର ବୈଜ୍ଞାନିକ ପୋଷଣ ବଗିଚା ପ୍ରସ୍ତୁତ ଏବଂ ଖାଦ୍ୟ ପୁଷ୍ଟି ସୁରକ୍ଷା ବାବଦରେ ଏହାର ଭୂମିକା, କୁପୋଷଣ ଏବଂ ସୁକ୍ଷମ ଖାଦ୍ୟ ଇତ୍ୟାଦି ବିଷୟରେ ତାଲିମ୍ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମର ୧୦୦ ଜଣ ଚାଷୀ ଯୋଗ ଦେଇଥିଲେ ।




## ବାଇଗଣ ଫସଲର ବୀଜାଣୁ ପ୍ରତିରୋଧକ କିସମ ସ୍ୱର୍ଣ୍ଣ ଶ୍ୟାମଳୀ କ୍ଷେତ୍ର ପ୍ରଦର୍ଶନ

ଆମ ଜିଲ୍ଲାରେ ପ୍ରାୟ ୬୬୦୦ ହେକ୍ଟର ଜମିରେ ବାଇଗଣ ଚାଷ କରାଯାଏ । ଏହି ଫସଲର ହାରାହାରି ଉତ୍ପାଦିକତା ହାର ୩୦୦ କ୍ୱିଣ୍ଟାଲ/ହେକ୍ଟର ଅଟେ । ଝାଉଁଳା ରୋଗ ଏହି ଫସଲର ଏକ ମୁଖ୍ୟ ସମସ୍ୟା ଅଟେ । ଝାଉଁଳା ରୋଗ ସାଧାରଣତଃ ଫିମ୍ପି ଜନିତ ବା ବୀଜାଣୁ ଜନିତ ହୋଇଥାଏ । ଏହି ରୋଗ ହେଲେ ଫସଲ ଫୁଲ ଆସିବା ପୂର୍ବରୁ ଶୁଖି ନଷ୍ଟ ହୋଇଯାଏ । ଏହି ସମସ୍ୟାକୁ ଦୃଷ୍ଟିରେ ରଖି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବାଇଗଣ ଫସଲର ଏକ ଝାଉଁଳା ନିରୋଧକ କିସମ ସ୍ୱର୍ଣ୍ଣ ଶ୍ୟାମଳୀ କ୍ଷେତ୍ର ପ୍ରଦର୍ଶନ କରାଯାଇଅଛି । ଏହି ବାଇଗଣ କିସମଟି ସବୁଜ ରଙ୍ଗ, ଫଳ ଗୋଲାକାର ଓ ବୀଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧକ । ଏହି କିସମଟି ରାଞ୍ଚିଠାରେ ଥିବା ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାର ଆଞ୍ଚଳିକ ଗବେଷଣା କେନ୍ଦ୍ର ଦ୍ୱାରା ବିକଶିତ ହୋଇଛି । ଚାଷୀଙ୍କ କ୍ଷେତରେ ୩୨% ଝାଉଁଳା ଦେଖାଯାଇଥିବା ବେଳେ ପ୍ରଦର୍ଶନ କ୍ଷେତ୍ରରେ ମାତ୍ର ୮% ଝାଉଁଳା ଦେଖାଯାଇଥିଲା । ଚାଷୀଙ୍କ କ୍ଷେତରୁ ହେକ୍ଟର ପିଛା ୨୬୪ କ୍ୱିଣ୍ଟାଲ ଅମଳ ହୋଇଥିବା ବେଳେ ପ୍ରଦର୍ଶନ କ୍ଷେତରୁ ୩୦୬ କ୍ୱିଣ୍ଟାଲ ଅମଳ ହୋଇଥିଲା । ଅନ୍ୟ କିସମ ତୁଳନାରେ ଏହି ସ୍ୱର୍ଣ୍ଣ ଶ୍ୟାମଳୀ କିସମଟି ଅତ୍ୟଧିକ ବର୍ଷା ବା ଅଦିନିଆ ବର୍ଷା ସହି ପାରୁଥିବାରୁ ଚାଷୀମାନଙ୍କ ଗହଣରେ ଏହା ଆଦୃତ ହୋଇପାରିଛି ।





## ଧାନ ଫସଲରେ ସାଆରା (ଲକ୍ଷ୍ମୀକଳା) ରୋଗର ପରିଚାଳନା




ଧାନ ଫସଲ ଗଞ୍ଜାମ ଜିଲ୍ଲାରେ ପ୍ରାୟ ୨.୨୫ ଲକ୍ଷ ହେକ୍ଟର ଜମିରେ ଚାଷ ହୋଇଥାଏ ଓ ପୂଜା କିସମ ପ୍ରାୟ ୩୦ ହଜାର ହେକ୍ଟର ଜମିରେ ଚାଷ କରାଯାଇଥାଏ । ପୂଜା ଅମଳକ୍ଷମ କିସମ ହୋଇଥିବା ବେଳେ ଫିମ୍ପିଜନିତ ସାଆରା ବା ଲକ୍ଷ୍ମୀକଳା ରୋଗ ଯୋଗୁଁ ଅମଳ ୧୦-୧୫ ପ୍ରତିଶତ କମିଥାଏ ଓ ଅମଳ ବିହନ ଉପଯୋଗୀ ହୋଇ ନଥାଏ । ଏହା ସହ ପାଖରେ ଥିବା ଅନ୍ୟ ଧାନ କିସମକୁ ସଂକ୍ରମିତ କରିଥାଏ । ଏହି ସମସ୍ୟାକୁ ପରିଚାଳନା କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ଦ୍ୱାରା ଏକ କ୍ଷେତ୍ର ପ୍ରଦର୍ଶନ ତୁଳସୀପଲ୍ଲୀ, ଫୁଲସରାପଲ୍ଲୀ, ପାଟୁଳି ସାହି ଗ୍ରାମରେ ଦୁଇ ହେକ୍ଟର ଜମିରେ ଖରିଫ-୨୦୨୩ରେ କରାଯାଇଥିଲା । ବିହନକୁ କାର୍ବେଣ୍ଡାଜିମ୍ (୨ ଗ୍ରାମ୍/କେ.ଜି. ବିହନ)ରେ ବିଶୋଧନ କରାଯାଇଥିଲା ଓ ଧାନର ଧ୍ୱଜ ପତ୍ର ଅବସ୍ଥାରେ ଫିମ୍ପିନାଶକ ଟ୍ରାଇଫ୍ଲକ୍ସିଷ୍ଟ୍ରୋବିନ୍ + ଟେବୁକୋନାଜୋଲ୍ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଓ ୧୦ ଦିନ ପରେ ଦ୍ୱିତୀୟ ଥର ସିଞ୍ଚନ କରାଯାଇଥିଲା । ଏହି କ୍ଷେତ୍ର ପ୍ରଦର୍ଶନରେ ଆକ୍ରାନ୍ତ କେଣ୍ଡା ସଂଖ୍ୟା ୮.୬ ପ୍ରତିଶତରୁ ୨.୮ ପ୍ରତିଶତକୁ (୬୭ ପ୍ରତିଶତ) କମିଥିଲା ଓ ଅମଳ ୪୧.୨ କ୍ୱିଣ୍ଟାଲ/ହେକ୍ଟରରୁ ୪୬.୪ କ୍ୱିଣ୍ଟାଲ/ହେକ୍ଟରକୁ (୧୨.୬ ପ୍ରତିଶତ) ବଢ଼ିଥିଲା । ଏହା ସହ ଅନ୍ୟ ଚାଷୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ଭିଦ ସ୍ୱାସ୍ଥ୍ୟ ପରୀକ୍ଷାଗାର ମାଧ୍ୟମରେ ବୈଷୟିକ ପରାମର୍ଶ ଦିଆଯାଇଥିଲା ।

## ମକା ଫସଲରେ ଫଲ୍ ଆର୍ମୀୱାର୍ମ କୀଟର ପରିଚାଳନା




ଗଞ୍ଜାମ ଜିଲ୍ଲାରେ ଖରିଫ୍ ଋତୁରେ ଉଚ୍ଚଜମିରେ ଅଣଧାନ ଫସଲ ଭାବେ ମକା ୧୫୦୦୦ ହେକ୍ଟର ଜମିରେ ଚାଷ ହୋଇଥାଏ । ମାତ୍ର ଫଲ୍ ଆର୍ମୀୱାର୍ମ କୀଟ ଆକ୍ରମଣ ଯୋଗୁଁ ଅମଳ ୩୦-୩୫ ପ୍ରତିଶତ କମିଥାଏ । ଏହି କୀଟ ଆକ୍ରମଣ ଦ୍ୱାରା ପତ୍ରକଣା, ମଲା ମଞ୍ଜ, ଫଳ ନଷ୍ଟ ହୋଇଥାଏ । ଏହି ସମସ୍ୟାକୁ ପରିଚାଳନା କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ଦ୍ୱାରା ଏକ କ୍ଷେତ୍ର ପ୍ରଦର୍ଶନ ଗୁରାଣ୍ଡିଆ, ବଳରାମପୁର, ବେଣାକୁଦା ଗ୍ରାମରେ ୨ ହେକ୍ଟର ଜମିରେ କରାଯାଇଥିଲା । ମକା ଲଗାଇବାର ୨୧ ଦିନ ପରେ ହେକ୍ଟର ପ୍ରତି ନିମ୍ବବିଷ (୧୫୦୦ ପିପିଏମ୍), ୩୫ ଦିନ ପରେ କ୍ଲୋରୋପାଇରିଫସ୍ + ସାଇପରମେଥ୍ରିନ୍ (୧ ଲିଟର), ୫୦ ଦିନ ପରେ ଟ୍ରାଇକୋକାର୍ଡ଼ ୧୫ଟି ଓ ୬୦ ଦିନ ପରେ ବିଟି (୧ କେ.ଜି.) ପ୍ରୟୋଗ କରାଯାଇଥିଲା । ଏହି କ୍ଷେତ୍ର ପ୍ରଦର୍ଶନରେ କୀଟ ଆକ୍ରମଣ ୧୪.୨ ପ୍ରତିଶତରୁ ୩.୬ ପ୍ରତିଶତକୁ (୭୪ ପ୍ରତିଶତ) କମିଥିଲା ଓ ଅମଳ ୩୬.୪ କ୍ୱିଣ୍ଟାଲ/ହେକ୍ଟରରୁ (ପ୍ରଫୋନୋଫସ ୧ ଲିଟର/ହେକ୍ଟର - ୩ ଥର), ୪୪.୨ କ୍ୱିଣ୍ଟାଲ/ହେକ୍ଟରକୁ (୨୨.୪ ପ୍ରତିଶତ) ବଢ଼ିଥିଲା । ଏହା ସହ କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ଭିଦ ସ୍ୱାସ୍ଥ୍ୟ ପରୀକ୍ଷାଗାର ମାଧ୍ୟମରେ ଚାଷୀମାନଙ୍କୁ ବୈଷୟିକ ପରାମର୍ଶ ଦିଆଯାଇଥିଲା ।